# NATIONAL NEWS BULLETIN (ODIA)
## 4 September - 2026
## Evening Bulletin : 7.15 P.M.

********************************

## ମୁଖ୍ୟ ସମ୍ବାଦ

- ଗୁରୁ ଦିବସ ପାଳନ ଅବସରରେ ଆସନ୍ତାକାଲି ନୂଆଦିଲ୍ଲୀଠାରେ ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି ।
- ନ୍ୟାୟିକ ଅଧିକାରୀଙ୍କ ଅବସର ବୟସସୀମା ୬୨କୁ ବୃଦ୍ଧି କରିବା ନେଇ ୭ଟି ରାଜ୍ୟକୁ ନିର୍ଦ୍ଦେଶ ଦେଲେ ସୁପ୍ରିମ୍‌କୋର୍ଟ୍ ।
- ହୀରା ଶିଳ୍ପ କ୍ଷେତ୍ରରେ ଭାରତ ଏବଂ ବେଲ୍‌ଜିୟମ୍‌ର ପାରସ୍ପରିକ ସହଯୋଗ ଉପରେ ଆଲୋକପାତ କଲେ ବେଲ୍‌ଜିୟମ୍ ପ୍ରଧାନମନ୍ତ୍ରୀ ।
- ନିଶାବର୍ଜନ ସହ ଦେଶ ବିକାଶରେ ଯୋଗଦାନ କରିବାକୁ ଯୁବବର୍ଗଙ୍କୁ ଆହ୍ୱାନ ଦେଲେ ଉପରାଷ୍ଟ୍ରପତି ।

ଏବଂ

- ଚାଇନା ମାଷ୍ଟର୍ସ୍ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାର ମିଳିତ ପୁରୁଷ ବର୍ଗ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହେଲେ ଭାରତୀୟ ଯୋଡ଼ି ।

## ଶିକ୍ଷକ ଦିବସ

ଦେଶବ୍ୟାପୀ ଆସନ୍ତାକାଲି ‘ଗୁରୁ ଦିବସ’ ପାଳନ କରାଯିବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆସନ୍ତାକାଲି ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୋଟ ୮୨ ଜଣ ଶିକ୍ଷକଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କରିବେ। ଏଥିରେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ଶିକ୍ଷକ ଏମ୍‌ଡି. ଜାଫର ଆଲମ୍ ଏବଂ ଜଗତସିଂହପୁର ଆଳିପିଙ୍ଗଳ ସରକାରୀ ଉଚ୍ଚବିଦ୍ୟାଳୟର ଶିକ୍ଷକ ପଦରାଜ ଉମାକାନ୍ତ ନାୟକ ସମ୍ମାନିତ ହେବେ।

ରାଜ୍ୟରେ ଉତ୍ସର୍ଗୀକୃତ ଶିକ୍ଷାଦାନ ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏନେଇ ସମସ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଓ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଏନ୍. ତିରୁମାଲା ନାୟକ ନିର୍ଦ୍ଦେଶ ଦେଇଛନ୍ତି।

## ଏସ୍‌ସି-ରିଟାରମେଣ୍ଟ ଏଜ୍

ନ୍ୟାୟିକ ଅଧିକାରୀମାନଙ୍କର ଅବସର ବୟସସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବା ନିମନ୍ତେ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ଜଷ୍ଟିସ୍

ଭି. ମୋହନାଙ୍କ ଖଣ୍ଡପୀଠ ୭ଟି ରାଜ୍ୟ ପାଇଁ ଏହି ରାୟ ପ୍ରଦାନ କରିଛନ୍ତି । ଛତିଶଗଡ଼, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ସିକ୍କିମ୍, ତାମିଲନାଡୁ ଓ ପଶ୍ଚିମବଙ୍ଗ ସରକାର ସେବା ଆଇନ୍ ପରିବର୍ତ୍ତନ କରି ଏହି ଅବସର ବୟସ ୬୨ ବର୍ଷ ବୃଦ୍ଧିକୁ କାର୍ଯ୍ୟକାରୀ କରିବା ନିମନ୍ତେ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି ।

ତେବେ ସମ୍ପୃକ୍ତ ହାଇକୋର୍ଟ୍ ସେମାନଙ୍କ କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ ରିପୋର୍ଟ୍ ପ୍ରସ୍ତୁତି ଆଧାରରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇପାରିବ । ଗତ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଅବସର ଗ୍ରହଣ କରିଥିବା ନ୍ୟାୟିକ ଅଧିକାରୀଙ୍କ କ୍ଷେତ୍ରରେ କାର୍ଯ୍ୟରେ ପୁନଃ ଯୋଗଦେବା ନେଇ ରାୟରେ ଉଲ୍ଲେଖ କରାଯାଇଛି । ତେବେ ସମ୍ପୃକ୍ତ ଅଧିକାରୀ କୌଣସି ସରକାରୀ ଲାଭଜନକ ପଦପଦବୀରେ ସମ୍ପୃକ୍ତ ନଥିବେ । ସମ୍ପୃକ୍ତ ରାଜ୍ୟ ସରକାର ଗୁଡ଼ିକୁ ସୁପ୍ରିମ୍‌କୋର୍ଟ୍ ଏଥିପାଇଁ ଦୁଇ ସପ୍ତାହ ସମୟ ପ୍ରଦାନ କରିଛନ୍ତି । ଏଥିସହ କୋର୍ଟ୍‌ରେ ଏକ ନିର୍ଦ୍ଦେଶ ଅନୁପାଳନ ରିପୋର୍ଟ୍ ଦାଖଲ କରିବାକୁ କୁହାଯାଇଛି । ହାଇକୋର୍ଟ୍ ଗୁଡ଼ିକରେ ବିଚାରପତିଙ୍କ ଅଭାବ ଏବଂ ମଞ୍ଜୁରୀପ୍ରାପ୍ତ ପଦବୀ ତଥା କାର୍ଯ୍ୟଭାର ମଧ୍ୟରେ ରହୁଥିବା ବ୍ୟବଧାନକୁ ଦୃଷ୍ଟିରେ ରଖି ସର୍ବୋଚ୍ଚ ଅଦାଲତ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

# ପିଏମ୍-ଏସ୍‌ଆର୍‌ସିସି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀରେ ଶ୍ରୀରାମ ବାଣିଜ୍ୟ କଲେଜ୍ ଏସ୍.ଆର୍.ସି.ସି.ର ଶତବାର୍ଷିକ ସମାରୋହରେ ଯୋଗଦେବା ସହ ସମାବେଶକୁ ସମ୍ବୋଧନ କରିବେ । ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଏହି କଲେଜ୍ ଦେଶର ଉଚ୍ଚଶିକ୍ଷାର ପ୍ରମୁଖ ପ୍ରତିଷ୍ଠାନ ମଧ୍ୟରେ ଅନ୍ୟତମ । ବାଣିଜ୍ୟ, ଅର୍ଥନୀତି ତଥା ପରିଚାଳନା କ୍ଷେତ୍ରରେ ଶିକ୍ଷା ପ୍ରଦାନରେ ଏହା ଏକ ମାନ୍ୟତାପ୍ରାପ୍ତ ଶିକ୍ଷା ପ୍ରତିଷ୍ଠାନ । ୧୯୨୬ ମସିହାରେ ପ୍ରଖ୍ୟାତ ଶିଳ୍ପପତି ତଥା ସମାଜସେବୀ ସାର୍ ଶ୍ରୀରାମଙ୍କ ଦ୍ୱାରା ଏହି କଲେଜ୍ ପ୍ରତିଷ୍ଠିତ ହୋଇଥିଲା । ଶତାବ୍ଦୀ ଧରି ଏହି ପ୍ରତିଷ୍ଠାନରୁ ଶିକ୍ଷାପ୍ରାପ୍ତ ବହୁ ବିଦ୍ୱାନ, ବୃତ୍ତିଧାରୀ, ପ୍ରଶାସକ, ଉଦ୍ୟୋଗୀ, ନୀତିନିର୍ଦ୍ଧାରକ ଏବଂ ରାଷ୍ଟ୍ର ନିର୍ମାତା ସମାଜକୁ ମାର୍ଗଦର୍ଶନ କରିଛନ୍ତି ।

# ଜିତେନ୍ଦ୍ର ସିଂହ-ଫ୍ରାନ୍ସ

ମହାକାଶ କ୍ଷେତ୍ରରେ ଭାରତ-ଫ୍ରାନ୍ସ ସହଯୋଗକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ମହାକାଶ ବିଭାଗ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଜି ଫ୍ରାନ୍ସ ପ୍ରତିପକ୍ଷ ପ୍ରଫେସର ଫିଲିପ୍ ବ୍ୟାପ୍ଟିଷ୍ଟଙ୍କ ସହ ଆଲୋଚନା କରିଛନ୍ତି । ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ଆଲୋଚନାରେ ଆଧୁନିକ ମହାକାଶ ପ୍ରଯୁକ୍ତିବିଦ୍ୟା, ମହାକାଶ କ୍ଷେତ୍ରକୁ ମାନବ ଉଡ଼ାଣ ତଥା ଏ

କ୍ଷେତ୍ରରେ କାର୍ଯ୍ୟ କରୁଥିବା ଉଭୟ ଦେଶର ସଂସ୍ଥା ଏବଂ ଉଦ୍ୟୋଗ କ୍ଷେତ୍ର ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଉପରେ ମତବିନିମୟ ହୋଇଛି । ପ୍ୟାରିସ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତିକ ମହାକାଶ ସମ୍ମିଳନୀରେ ଭାରତର ଅଂଶଗ୍ରହଣ ଏବଂ ବେଙ୍ଗାଲୁରୁ ମହାକାଶ ଏକ୍ସପୋରେ ଫ୍ରାନ୍ସର ଅଂଶଗ୍ରହଣ ନେଇ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଛି । ଫ୍ରାନ୍ସର ମହାକାଶ ବିଭାଗ ମନ୍ତ୍ରୀ ପ୍ରଫେସର ବ୍ୟାପ୍ଟିଷ୍ଟ୍ ଚଳିତ ମାସ ଶେଷ ଆଡ଼କୁ ଭାରତ ଗସ୍ତରେ ଆସିବାର କାର୍ଯ୍ୟସୂଚୀ ରହିଛି । ବେଙ୍ଗାଲୁରୁ ମହାକାଶ ଏକ୍ସପୋ ଆସନ୍ତା ୭ରୁ ୯ ତାରିଖ ପର୍ଯ୍ୟନ୍ତ ଏବଂ ପ୍ୟାରିସ୍ ଆନ୍ତର୍ଜାତିକ ମହାକାଶ ସମ୍ମିଳନୀ ଆସନ୍ତା ୯ ତାରିଖରୁ ଆରମ୍ଭ ହେବା ନେଇ ସ୍ଥିର ହୋଇଥିବା ଜଣାପଡ଼ିଛି ।

## ବ୍ରିକ୍ସ-ଚିପ୍ ଜଷ୍ଟିସ୍ ଫୋରମ୍

ନୂଆଦିଲ୍ଲୀରେ ତିନି ଦିନିଆ ବ୍ରିକ୍ସ ମୁଖ୍ୟ ବିଚାରପତିଙ୍କ ବୈଠକ ଆଜିଠାରୁ ଆରମ୍ଭ ହୋଇଛି । ଭାରତର ପ୍ରଧାନ ବିଚାରପତିଙ୍କ ସମେତ ବ୍ରିକ୍ସ ସଦସ୍ୟ ଏବଂ ଅଂଶିଦାର ରାଷ୍ଟ୍ରଗୁଡ଼ିକର ମୁଖ୍ୟ ତଥା ବିରଷ୍ଠ ନ୍ୟାୟିକ ଅଧିକାରୀମାନେ ଏଥିରେ ଅଂଶଗ୍ରହଣ କରୁଛନ୍ତି । ପ୍ରଥମ ଦିନରେ ଆଜି ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ରୁଷ, ଚୀନ୍, ସଂଯୁକ୍ତ ଆରବ ଏମିରେଟ୍ସ, ଦକ୍ଷିଣ ଆଫ୍ରିକା, ଇରାନ୍ ଓ ଉଜ୍‌ବେକିସ୍ତାନ ସମେତ ବିଭିନ୍ନ

ଦେଶର ନ୍ୟାୟିକ ପ୍ରତିନିଧି ମଣ୍ଡଳୀର ମୁଖ୍ୟଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ମତବିନିମୟ କରିଛନ୍ତି ।

ସଦସ୍ୟ ତଥା ଅଂଶିଦାର ରାଷ୍ଟ୍ରଗୁଡ଼ିକ ମଧ୍ୟରେ ନ୍ୟାୟିକ ସହଯୋଗକୁ ସୁଦୃଢ଼ କରିବା, ଦକ୍ଷତା ବୃଦ୍ଧି, ଉନ୍ନତ ପ୍ରଯୁକ୍ତିବିଦ୍ୟା ଉପଯୋଗ, ତ୍ୱରିତ ନ୍ୟାୟ ପ୍ରକ୍ରିୟା ଏବଂ ବିଭିନ୍ନ ଦେଶର ସର୍ବୋତ୍ତମ ଆଇନ୍‌ଗତ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରାଯାଉଛି ।

## ମହା-ଇଣ୍ଡିଆ-ବେଲ୍‌ଜିୟମ୍

ହୀରା ଶିଳ୍ପ କ୍ଷେତ୍ରରେ ଭାରତ ଏବଂ ବେଲ୍‌ଜିୟମ୍‌ର ପାରସ୍ପରିକ ସହଯୋଗ ଉପରେ ବେଲ୍‌ଜିୟମ୍ ପ୍ରଧାନମନ୍ତ୍ରୀ ବାର୍ଟ୍ ଡେ ୱେଭର୍ ଆଲୋକପାତ କରିଛନ୍ତି । ମୁମ୍ବାଇରେ ଭାରତ ଡାଇମଣ୍ଡ ବୋର୍ଷ ଆଲୋଚନା ଅଧିବେଶନକୁ ସମ୍ବୋଧନ କରି ଶ୍ରୀ ୱେଭର୍ କହିଛନ୍ତି, ଏହି ସହଭାଗିତା ପାରସ୍ପରିକ ବିଶ୍ୱାସ, ସ୍ୱଚ୍ଛତା ଏବଂ ସହଯୋଗ ଉପରେ ପର୍ଯ୍ୟବେଶିତ । ମୁମ୍ବାଇ ଏବଂ ଆଣ୍ଟୱେର୍ପ୍ ବିଶ୍ୱର ହୀରା ରାଜଧାନୀ ଭାବେ ପରିଚିତ ବୋଲି ଶ୍ରୀ ୱେଭର୍ ବର୍ଣ୍ଣନା କରିଛନ୍ତି । ଏ କ୍ଷେତ୍ରରେ ଭାରତକୁ ବିଶ୍ୱସ୍ତରରେ ଏକ କର୍ମଶାଳା ଏବଂ ଆଣ୍ଟୱେର୍ପ୍‌କୁ ସଂଯୋଗକାରୀ ଅଞ୍ଚଳ ଭାବେ ସେ ଅଭିହିତ କରିଛନ୍ତି । ମୁମ୍ବାଇରେ ସ୍ଥାପିତ ନୂତନ ଏଚ୍.ଆର୍.ଡି. ଆଣ୍ଟୱେର୍ପ୍ କାର୍ଯ୍ୟାଳୟ ଦୁଇ ରାଷ୍ଟ୍ର ମଧ୍ୟରେ ହୀରା

ବାଣିଜ୍ୟ କ୍ଷେତ୍ରକୁ ଅଧିକ ସଶକ୍ତ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ବିଭିନ୍ନ କ୍ଷେତ୍ରରେ ବ୍ୟବସାୟକୁ ଅଧିକ ତ୍ୱରାନ୍ୱିତ କରିବ ।

ସମାବେଶକୁ ସମ୍ବୋଧନ କରି ରତ୍ନ ଏବଂ ଅଳଙ୍କାର ରପ୍ତାନୀ ପ୍ରୋତ୍ସାହନ ପରିଷଦର ଅଧ୍ୟକ୍ଷ କିରିଟ୍ ବଂଶାଲୀ କହିଛନ୍ତି, ଗତ ଆର୍ôଥିକ ବର୍ଷରେ ଦୁଇ ଦେଶ ମଧ୍ୟରେ ରତ୍ନ ଓ ଅଳଙ୍କାର କ୍ଷେତ୍ରର ବାଣିଜ୍ୟ କାରବାର ୩ ଦଶମିକ୍ ୫ ବିଲିୟନ୍ ଡଲାର୍‌ରେ ପହଞ୍ଚିଛି ।

## ଭିପି-ପଞ୍ଜାବ ବିଶ୍ୱବିଦ୍ୟାଳୟ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ନିଶାବର୍ଜନ ଏବଂ ଦେଶ ବିକାଶରେ ଯୋଗଦାନ କରିବାକୁ ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି । ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟ ପରିସରରେ ଥିବା କେନ୍ଦ୍ରୀୟ ଉପକରଣ ପ୍ରୟୋଗଶାଳାର ଅତ୍ୟାଧୁନିକ ଗବେଷଣାତ୍ମକ ଉପକରଣ ବ୍ୟବସ୍ଥାର ଉଦ୍‌ଘାଟନ କରିବା ଅବସରରେ ଉପରାଷ୍ଟ୍ରପତି ଏହା କହିଛନ୍ତି । ସେ କହିଛନ୍ତି, ପ୍ରତିଷ୍ଠାନ ପରିସରର ସୁରକ୍ଷା ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ୍ । ବିଶ୍ୱବିଦ୍ୟାଳୟର ୧୪୩ ବର୍ଷର ଗୌରବ ଯାତ୍ରା ଉପରେ ଆଲୋକପାତ କରି ଉପରାଷ୍ଟ୍ରପତି କହିଛନ୍ତି, ୮୦ ପ୍ରତିଶତ କେନ୍ଦ୍ରୀୟ ପାଣ୍ଠି ଦ୍ୱାରା ଏହା ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରି

ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟ କରୁଛି । ଆଜି ଉଦ୍‌ଘାଟିତ ହୋଇଥିବା ବ୍ୟବସ୍ଥାଗୁଡ଼ିକ ଜୀବ, ରସାୟନ, ପଦାର୍ଥ, ବୈଷୟିକ ତଥା ଆନୁସଙ୍ଗୀକ କ୍ଷେତ୍ରଗୁଡ଼ିକରେ ଗବେଷଣା ଦକ୍ଷତାକୁ ଅଧିକ ବ୍ୟାପକ କରିବ ବୋଲି ଉପରାଷ୍ଟ୍ରପତି ଆଶାବ୍ୟକ୍ତ କରିଛନ୍ତି । ଏହି ଅବସରରେ ଶ୍ରୀ ରାଧାକ୍ରିଷ୍ଣନ୍ ବିଶ୍ୱବିଦ୍ୟାଳୟର ପ୍ରଯୁକ୍ତିବିଦ୍ୟା ନବସୃଜନ ପ୍ଲାଟ୍‌ଫର୍ମର ମଧ୍ୟ ଶୁଭାରମ୍ଭ କରିଛନ୍ତି ।

## ୮୯ ସଣ୍ଡେଜ୍ ଅନ୍ ସାଇକେଲ୍

ଶାରିରୀକ ସୁସ୍ଥତା, କ୍ରୀଡ଼ା ଓ ବିଭିନ୍ନ ବର୍ଗର ଅଂଶଗ୍ରହଣ ମାଧ୍ୟମରେ ସ୍ୱାସ୍ଥ୍ୟ ଓ ନିଶାମୁକ୍ତ ଯୁବାବର୍ଗଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ଆସନ୍ତା ରବିବାର ଦିନ ସୁରଟ ଠାରେ ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକେଲ୍ କାର୍ଯ୍ୟକ୍ରମର ୮୯ତମ ସଂସ୍କାରଣ ଆୟୋଜିତ ହେବ । କେନ୍ଦ୍ର ଯୁବ ବ୍ୟାପାର  ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ସଣ୍ଡେଜ୍ ଅନ୍ ସାଇକେଲ୍ କାର୍ଯ୍ୟକ୍ରମ ସହ ଅନ୍ୟାନ୍ୟ ଶାରିରୀକ ସୁସ୍ଥତା କାର୍ଯ୍ୟକ୍ରମର ନେତୃତ୍ୱ ନେବେ । ଫିଟ୍ ଇଣ୍ଡିଆ ମାଧ୍ୟମରେ ସ୍ୱାସ୍ଥ୍ୟ, ବିଶ୍ୱସନୀୟତା ଓ ଶୃଙ୍ଖଳାର ଏକ ନୂତନ ପିଢ଼ି ସୃଷ୍ଟି କରିବ, ଯାହା ବିକଶିତ ଭାରତର ପ୍ରତିବଦ୍ଧତାକୁ ପୂରଣ କରିପାରିବ । ଏହି ସଂସ୍କରଣର ବାର୍ତ୍ତା ରହିଛି – “ ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବବର୍ଗ”  ।

# ଜେକେ-ଟେରୋରିଷ୍ଟ କିଲ୍ଡ

ଜାମ୍ମୁ କାଶ୍ମୀରରର ବଡ଼ଗାମ୍ ଜିଲ୍ଲା ଅନ୍ତର୍ଗତ ଅସଦର୍ ଗଲି ଅଞ୍ଚଳରେ ସୁରକ୍ଷା କର୍ମୀଙ୍କ ଗୁଳିବିନିମୟରେ ଜଣେ ଆତଙ୍କବାଦୀ ନିହତ ହୋଇଛି । ଶ୍ରୀନଗର ସ୍ଥିତ ଚିନ୍ନାର୍ କର୍ପସ୍‌ର ଜଣେ ମୁଖପାତ୍ର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଆତଙ୍କବାଦୀର ଉପସ୍ଥିତି ସମ୍ପର୍କରେ ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ସେଠାରେ ମିଳିତ ଅଭିଯାନ ଆରମ୍ଭ କରାଯାଇଥିଲା । ଏଥିରେ ଭାରତୀୟ ସେନା ଜାମ୍ମୁ କାଶ୍ମୀର ପୋଲିସ୍ ଏବଂ ସି.ଆର୍.ପି.ଏଫ୍. ସାମିଲ ହୋଇଥିଲେ । ଘଟଣା ସ୍ଥଳରୁ ଏ.କେ. ରାଇଫଲ୍ ସମେତ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ ହୋଇଥିବା ସେ ସୂଚନା ଦେଇଛନ୍ତି । ତେବେ ସେଠାରେ ତଲାସୀ ଅଭିଯାନା ଜାରି ରହିଥିବା ଜଣାପଡ଼ିଛି ।

# ଚାଇନା ମାଷ୍ଟର୍ସ

ଚାଇନା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାର ସେମିଫାଇନାଲ୍ ପର୍ଯ୍ୟାୟକୁ ଭାରତୀୟ ପୁରୁଷ ଯୋଡ଼ି ଉନ୍ନିତ ହୋଇଛନ୍ତି । ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ସାତ୍ୱୀକ ସାଇରାଜ ରାଙ୍କିରେଡ୍ଡୀ ଏବଂ ଚିରାଗ୍ ସେଟୀଙ୍କ ଯୋଡ଼ି ଡେନ୍‌ମାର୍କର ଖେଳାଳିଙ୍କୁ ସିଧାସଳଖ ୨୧-୧୩, ୧୬-୨୧ ଏବଂ ୨୧-୧୮ ସେଟ୍‌ରେ ପରାସ୍ତ କରିଛନ୍ତି ।

ଅନ୍ୟ ପକ୍ଷରେ ପୁରୁଷ ଏକକ ବର୍ଗରେ କିଦାମ୍ବୀ ଶ୍ରୀକାନ୍ତଙ୍କ ଅଭିଯାନ ଶେଷ ହୋଇଛି । କ୍ୱାର୍ଟର୍ ଫାଇନାଲ୍ ପର୍ଯ୍ୟାୟର ହଂକଂର ଲି ଚେଉକ୍ ୟୁ ଙ୍କଠାରୁ ୧୬-୨୧ ଏବଂ ୧୬-୨୧ ସେଟ୍‌ରେ ପରାସ୍ତ ହୋଇଛନ୍ତି ।

## କ୍ରିକେଟ୍

ଟି-ଟ୍ୱେଣ୍ଟି ମହିଳା ଏସୀୟକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଗ୍ରୁପ୍-ବି ପର୍ଯ୍ୟାୟ ମ୍ୟାଚ୍‌ରେ ଆଜି ସଂଯୁକ୍ତ ଆରବ ଏମିରେଟସ୍ ଏବଂ ଇଣ୍ଡୋନେସିଆ ମଧ୍ୟରେ ମୁକାବିଲା ହେବ । ସଂଯୁକ୍ତ ଆରବ ଏମିରେଟସ୍‌ର ଦୁବାଇ ଇଣ୍ଟରନ୍ୟାସନାଲ୍ ଷ୍ଟାଡିୟମ୍‌ଠାରେ ଭାରତୀୟ ସମୟ ରାତି ୮ଟାରେ ଆରମ୍ଭ ହେବ । ଗତକାଲିର ମ୍ୟାଚ୍‌ରେ ଭାରତ ହଂକଂକୁ ୧୩୭ରନ୍‌ରେ ପରାସ୍ତ କରିଛି । ଆସନ୍ତାକାଲି ଭାରତ ଓ ପାକିସ୍ତାନ ମଧ୍ୟରେ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଅନୁଷ୍ଠିତ ହେବ ।